# ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ - ଉଦ୍‌ଘାଟନୀ ଉତ୍ସବ

ଭୁବନେଶ୍ୱର ତା ୨୬.୧୨.୨୦୧୯ - ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଓଡ଼ିଶା ପାଇଁ ନିଶ୍ଚିତ ଭାବେ ଏକ ଅନନ୍ୟ ଘଟଣା । ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଓଡ଼ିଶୀ ଉଦ୍‌ଘାଟନୀ ଉତ୍ସବ ରବିନ୍ଦ୍ର ମଣ୍ଡପଠାରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଆରମ୍ଭ ହୋଇଅଛି । ଏହି ପାଞ୍ଚ ଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ଦେଶ, ବିଦେଶ ତଥା ସ୍ଥାନୀୟ କଳାକାର ପ୍ରାୟ ୪୦୦ରୁ ଅଧିକ ଯୋଗଦାନ କରିଛନ୍ତି ।

ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା ଅପରାହ୍ନ ୬ଘଟିକାରୁ । ଏହାର ଶୁଭାରମ୍ଭ କରିଥିଲେ ଗୁରୁ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ପ୍ରଫେସର ରାମହରି ଦାସ, ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁଙ୍କ ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା । ପ୍ରଥମେ ଏକକ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତିଙ୍କ ଦ୍ୱାରା ଅଭିନୟ ସଂସାର ପରିବେଶିତ ହୋଇଥିଲା ଯାହା ରାଗ କଳାବତୀ ଓ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା ଯାହାର ନୃତ୍ୟ ସଂରଚନା ନିଜେ ଗୁରୁ ଅରୁଣା ମହାନ୍ତି କରିଥିଲା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ଜେନା । ତାଙ୍କର ଚମତ୍କାର ପରିବେଶଣ ଦର୍ଶକଙ୍କ କରତାଳୀରୁ ବାରିହେଉଥିଲା । ପରେ ପରେ ମମତା ଶତପଥୀଙ୍କ ଦ୍ୱାରା ଅଭିନୟ ବିଦଗ୍ଧ ଚିନ୍ତାମଣି କାବ୍ୟରୁ ଉଦ୍ଧୃତ ଧୀରେ ଘେନ କାନନରେ କୃଷ୍ଣ ପରିବେଶିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଦିଲ୍ଲୀରୁ ଆସିଥିବା ନୃତ୍ୟଶିଳ୍ପୀ ରାହୁଲ ଭର୍ସନେଙ୍କ ଦ୍ୱାରା ଶୁଦ୍ଧନୃତ୍ୟ ବଡ଼ ସ୍ଥାୟୀ ଯାହା ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଦୁର୍ଗାଚରଣ ରଣବୀର । ପରେ ପରେ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସୁରଜ ଶୁଭ୍ରମନ୍ୟମ ଏବଂ ଜାନୁଆରୀ ଲୋଙ୍କ ଦ୍ୱାରା ରାଗ ଶଙ୍କରା ଭରଣ ଓ ତାଳ ଏକତାଳୀ ଉପରେ ସ୍ଥାୟୀ ନୃତ୍ୟ ପରିବେଶଣ । ସଂଧ୍ୟାର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଆମେରିକାର କାକଳୀ ପରମଗୁରୁଙ୍କ ଦ୍ୱାରା ଅଭିନୟ ଗାନ୍ଧାରୀର ଆର୍ଶିବାଦ ଯାହା ରାଗ ରାଗମାଳିକା ଓ ତାଳ ତାଳ ମାଳିକା ଉପରେ ପରିବେଶିତ ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଶ୍ରୀ ରାମହରି ଦାସ, ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଶ୍ରୀ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ଦୁର୍ଗାଚରଣ ରଣବୀର । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଜାପାନରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ଶୋୟ ଅମାଚୀଙ୍କ ଦ୍ୱାରା ପଲ୍ଲବୀ ପରିବେଶଣ ଯାହା ରାଗ ବାଗେଶ୍ରୀ ଉପରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ୰ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର । ପରେ ପରେ ଅନନ୍ୟା ଦେବ ଓ ଇଶା ଛବୀଙ୍କ ଦ୍ୱାରା ଓଡ଼ିଶୀ ଦ୍ୱୈତ ନୃତ୍ୟ, ଏକକ ନୃତ୍ୟରେ କଲିକତାର ଶ୍ରାବଣୀ ସେନ ଓ ସଙ୍ଗୀତ କୁମାର ପ୍ରଦାନ ଏବଂ ପ୍ରଥମ ସଂଧ୍ୟାର ଅନ୍ତିମ କାର୍ଯ୍ୟକ୍ରମ ଥିଲା ଓଡ଼ିଶୀ ଦଳଗତ ନୃତ୍ୟ ଯାହାକୁ ପରିବେଶଣ କରିଥିଲେ ଇନ୍ଦୋରରୁ ଆସିଥିବା ଛନ୍ଦକ ଅନୁଷ୍ଠାରର କଳାକାରମାନେ ।

ଆସନ୍ତା କାଳି ପୂର୍ବାହ୍ନ ୧୦ ଟାରୁ ୨ଟା ପର୍ଯ୍ୟନ୍ତ ବହୁ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଶଷ କରିବେ ଏବଂ ଦିନ ୪ଟାରୁ ପୁଣି ଆରମ୍ଭ ହେବ ଅପରାହ୍ନ ଓ ସାନ୍ଧ୍ୟ ନୃତ୍ୟ କାର୍ଯ୍ୟକ୍ରମ । ସମସ୍ତ ରସପିପାସୁ ଦର୍ଶକଙ୍କୁ ଏହି ଉତ୍ସବରେ ଯୋଗଦାନ କରି ଏହାର ଆନନ୍ଦ ନେବାକୁ ଅନୁରୋଧ । ଏହାର ପ୍ରବେଶ ମୁକ୍ତ ରଖାଯାଇଅଛି ।

# ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିବସରେ ଓଡ଼ିଶୀ ଛନ୍ଦ ଓ ରସର କମନୀୟ ପ୍ରଦର୍ଶନ

ଭୁବନେଶ୍ୱର ତା ୨୭.୧୨.୨୦୧୯ – ଓଡ଼ିଶା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ଦ୍ୱିତୀୟ ଦିବସ । ଓଡ଼ିଶୀ ନୃତ୍ୟକୁ ଆନ୍ତର୍ଜାତିୟ ସ୍ତରରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପୂର୍ବାହ୍ନ ୧୦ ଘଟିକାରୁ । ପ୍ରଥମେ ସାଇ ସ୍ମୃତି କଳା କେନ୍ଦ୍ର ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ଆମେରିକାରୁ ଆସିଥିବା ଅମିନ ବୌସେମହ, ଭୁବନେଶ୍ୱରର ଭି. ପି. ଆଚାର୍ଯ୍ୟ, ଆମେରିକାର ଯଶସ୍ୱନୀ ରଘୁରାମ, କେନ୍ଦୁଝରର ଦେବଜାନୀ ଦାସ, ଆମେରିକାର ଅଭିସେକ ଖାନ, ରାଜସ୍ଥାନର ସୈଲୀ ଶ୍ରୀବାସ୍ତବ, କଟକର ସୁପ୍ରଭା ପଣ୍ଡା, କଲିକତାର ଆଦିତି ବୋଷ ଏବଂ ଭୁବନେଶ୍ୱରର ସୋନାଲୀ ରାଏ ନୃତ୍ୟ ପରିବେଶଣ କରିଥିଲେ । ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଅହମଦାବାଦର ଅନୁରାଗ ଶର୍ମା ଓ ପ୍ରିୟଙ୍କା ପତି ଏବଂ ଭୁବନେଶ୍ୱରର ପ୍ରିତୀ ନନ୍ଦ ଓ ପ୍ରଜ୍ଞାନ ନନ୍ଦଙ୍କ ଦ୍ୱାରା ନୃତ୍ୟ ପରିବେଶଣ ହୋଇଥିଲା । ମୋକ୍ଷ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଶଣରେ ପୂର୍ବାହ୍ନ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

ଅପରାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା ଦିବା ୪ ଘଟିକାରୁ । ପ୍ରଥମେ ନୃତ୍ୟାଞ୍ଜଳୀ ଅନୁଷ୍ଠାନ ଦ୍ୱାରା ଅଭିନୟ ମାତୃବନ୍ଦନା କରାଗ୍ରେ ବସତି ଲକ୍ଷ୍ମୀ କର ମଧ୍ୟେ ଓ ଜୟ ଦେବୀ ଜନ୍ମଭୂମୀ ପରିବେଶିତ ହୋଇଥିଲା ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ନୂଆଦିଲ୍ଲୀରୁ ଆସିଥିବା ଅର୍ପିତା ଦେବଶ୍ରୀଙ୍କ ଦ୍ୱାରା ଅଭିନୟ ଅଷ୍ଟସମ୍ଭୁ ଜୟ ପରମେଶ ହରସ ଯାହା ରାଗ ମାଲ କୋଷ ଓ ତାଳ ତ୍ରିପଟା ଓ ଏକତାଳୀ ଉପରେ ନିବନ୍ଧ ଥିଲା । ତାଙ୍କ ପରେ ଅନୁସୂୟା ପ୍ରଧାନଙ୍କ ଦ୍ୱାରା ଅଭିନୟ ମୋହନେ ଦେଲି ଚାହି ଗୋ ଆଗୋ ପ୍ରିୟ ମହୀ ପରିବେଶିତ ହୋଇଥିଲା । ପରେ ପରେ ଅଂଶିକା ରଥ ଓ ଅନନ୍ୟା ବେଜବରୁଆଙ୍କ ଦ୍ୱାରା ଅଭିନୟ ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି ଯାହା ରାଗ ବକୁଳା ଭରଣ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବେସିତ ଥିଲା । ଏକକ ନୃତ୍ୟରେ କଲିକତାର ସୁପ୍ରିୟା ସରଦାରଙ୍କ ଦ୍ୱାରା ରାଗ କିରବାଣୀ ଓ ତାଳ ଖେମଟା ଓ ଝୁଲାରେ ପଲ୍ଲବୀ ପରିବେଶଣ କରିଥିଲେ ପରେ ପରେ ବାଙ୍ଗାଲୋରର ଯଶୋମତି ମିଶ୍ରଙ୍କ ଦ୍ୱାରା ଚମ୍ପୂ କିଶୋର ଚନ୍ଦ୍ରାନନ୍ଦ ଏବଂ ଦ୍ୱୈତ ନୃତ୍ୟରେ ରାଗ ମୋହନା ଓ ତାଳ ତ୍ରିପଟା ଉପରେ ପଲ୍ଲବୀ ପରିବେଶଣ କରିଥିଲେ ଯୁକ୍ତିପ୍ରୀୟ ଓରାନ ଓ ସୁରଭି ନଟାଲିଏ । ଆମେରିକାରୁ ଆସିଥିବା ଅଶ୍ଲେଷା ମିଶ୍ରଙ୍କ ଦ୍ୱାରା ଅଭିନୟ ନବଦୁର୍ଗା ଜୟ ଭଗବତୀ ଦେବୀ ନମୋ ବରଦେ ପରେ ପରେ ଜ୍ୟୋର୍ତିମୟୀ ସୁପକାରଙ୍କ ଦ୍ୱାରା କିଶୋର ଚନ୍ଦ୍ର ନନ୍ଦ ଚମ୍ପୂ (ନ) ନବ ବିଳାସିନୀରେ ପରିବେଶିତ ହୋଇଥିଲେ । ଅପରାହ୍ନ ଅଧିବେଶନର ଶେଷ ପ୍ରସ୍ତୁତିରେ ଥିଲା ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ୟୁନିର୍ଭସିଟି ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶଣ । ସେମାନଙ୍କ ଦ୍ୱାରା ପ୍ରଥମେ ହଂସଧ୍ୱନୀ ପଲ୍ଲବୀ ଏବଂ ଦ୍ୱିତୀୟରେ ଅଭିନୟ ସପ୍ତତାଣ୍ଡବ ଯେଉଁଥିଲେ ଶିବଙ୍କର ସାତଟି ତାଣ୍ଡବ ରୂପକୁ ଓଡ଼ିଶୀ ନୃତ୍ୟ ମାଧମରେ କଳାକାରମାନେ ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ ଯାହାର ଉଦ୍ଦେଶ୍ୟ ଥିଲା ଜଗତର ମଙ୍ଗଳ କରିବା । ଏହି ନୃତ୍ୟଟିକୁ ସଂରଚନା କରିଥିଲେ ଗୁରୁ ଶ୍ରୀଙ୍ଗୋରମଣୀ ରଶ୍ମୀରେଖା ଦାସ ।

ସଂଧ୍ୟା ଅଧିବେସନର ପ୍ରଥମ ପ୍ରସ୍ତୁତି ଥିଲା ପିତାମ୍ବର ବିଶ୍ୱାଳଙ୍କ ଦ୍ୱାରା ଅଭିନୟ ରୁସନା ରାମା ରତନ ପରେ ପରେ ଲୀନା ନନ୍ଦଙ୍କ ଦ୍ୱାରା ଅଭିନୟ ଅଷ୍ଟପଦୀ, ଶୁଭଲକ୍ଷ୍ମୀ ପାଢୀଙ୍କ ଦ୍ୱାରା  ରାଗ ଶଙ୍କରା ଭରଣ ଓ ତାଳ ଏକତାଳୀରେ ପଲ୍ଲବୀ ଓ ଅଭିନୟ, ଅନିତା ରାଉତ ଓ ରଶ୍ମିତା ପ୍ରଧାନଙ୍କ ଦ୍ୱାରା ରାଗ ଜନ ସମ୍ମୋହିନୀ ଓ ତାଳ ଯତି ଉପରେ ପଲ୍ଲବୀ, ରଷିୟାରୁ ଆସିଥିବା ଏକଟ୍ରୀନା ରାଡ଼ୋଭସକୟାଙ୍କ ଦ୍ୱାରା ଅଭିନୟ ଆଜ ମୁଁ ଦେଖିଲି ଘନ ଶ୍ୟାମଙ୍କୁ ଗୋ, ଜଲପାଇଗୁଡ଼ିରୁ ଆସିଥିବା ରିତୁ ସେନଗୁପ୍ତାଙ୍କ ଦ୍ୱାରା ଅଭିନୟ ଅର୍ଦ୍ଧ ନାରୀଶ୍ୱର, ମୌମିତା ଦତ୍ତ ଓ ମୌମିତା ପାଲଙ୍କ ଦ୍ୱାରା ଅଭିନୟ ପଲ୍ଲବୀ ପରିବେଶିତ ହୋଇଥିଲା । ପରେ ପରେ କଲ୍ୟାଣୀ ସାହୁ, ସୌମିତା ଦାସଗୁପ୍ତା ଏବଂ ଶେଷରେ ନୂପୁର ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶିତ ହୋଇଥିଲା । ସମସ୍ତ ଶିଳ୍ପୀଙ୍କ ନୃତ୍ୟ ଅତ୍ୟନ୍ତ ଉଚ୍ଚକୋଟିର ଓ ରସସିକ୍ତ ଥିଲା ଯାହା ଦର୍ଶକଙ୍କୁ ପ୍ରେକ୍ଷାଳୟରେ ଶେଷ ପର୍ଯ୍ୟନ୍ତ ବାନ୍ଧିରଖିଥିଲା ।

ସଂଧ୍ୟା ଅଧିବେଶନର ଅତିଥି ଥିଲେ ଗୁରୁ ଅରୁଣା ମହାନ୍ତି, ଗୁରୁ କେ ରାମାରାଓ ପାତ୍ର, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ସ୍ୱପ୍ନେଶ୍ୱର ଚକ୍ରମର୍ତ୍ତୀ, ଗୁରୁ ଡ଼. ରତ୍ନା ରାୟ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ । । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ।

# ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ତୃତୀୟ ଦିବସ

ଭୁବନେଶ୍ୱର ତା ୨୮.୧୨.୨୦୧୯ – ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ତୃତୀୟ ଦିବସ । ପ୍ରତିଦିନ ପରି ପୂର୍ବାହ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଦଳଗତ ନୃତ୍ୟ ଯାହାକୁ ପରିବେଶଣ କରିଥିଲେ ଭୁବନେଶ୍ୱରର ମଧୁରାମ ଟ୍ରଷ୍ଟର ଶିଳ୍ପୀମାନେ । ଏକକ ନୃତ୍ୟ ପରିବେଶଣ କରିଥିଲେ ସୁନ୍ଦରଗଡ଼ର ପ୍ରିୟା କୁମ୍ଭାର, ବାଙ୍ଗାଲୋରର ଚଇଥରା ଦାସେଗଉଡ଼ା, ଆମେରିକାର ପର୍ମି ମୁଖର୍ଜୀ, ଭୁବନେଶ୍ୱର ଜି. ନାଗେଶ୍ୱରୀ, ମାଲେସିଆର ଲରେନ୍ସ, ଇସରାଏଲର ନଓମି ଇନା, ଭଦ୍ରଖର ଦେବଜ୍ୟୋତି ବିଶ୍ୱାଳ, ବ୍ରହ୍ମପୁରର ସ୍ମୃତିମୋୟୀ ପଟ୍ଟନାୟକ, ଖୋର୍ଦ୍ଧାର ଇତିଶ୍ରୀ ରାଏ, ଆମେରିକାର ମଲ୍ଲିକା ଜେନା; ନବରଙ୍ଗପୁରର ଇନ୍ଦ୍ରାଣୀ ହୋତା । ଦ୍ୱୈତ ନୃତ୍ୟ ପରିବେଶଣ କରିଥିଲେ ନୂଆଦିଲ୍ଲୀର ଭବ୍ୟା ଆରୋରା ଓ ଅରୁଣିମା ସମାଜପତି ଏବଂ କଟକର କେ. ସ୍ନେହା ତେଜସ୍ୱନି ଓ ମଲ୍ଲିକା ମିତ୍ର । ଦଳଗତ ନୃତ୍ୟ ପରିବେଶଣ କରିଥିଲେ ଭୁବନେଶ୍ୱରର କିସ ଓ ନମାମୀ ଅନୁଷ୍ଠାନର ଶିଳ୍ପୀମାନେ ।

ଅପରାହ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ରାଉରକେଲାର ନୃତ୍ୟାଞ୍ଜଳୀ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା । ସେମାନେ ପରିବେଶଣ କରିଥିଲେ ରାଗ ମାଲକୋଷ ଓ ବିହାଗ ଉପରେ ଅଭିନୟ ପରେ ପରେ ମୈତ୍ରୀ ମାହେଶ୍ୱରୀଙ୍କ ଦ୍ୱାରା ଅଭିନୟ ଶ୍ୟାମ ନାଗର ହେ ଶୁଖିଲା ସୁହାଗ ଲଗାନା । ତା ପରେ ନୟାଗଡ଼ର ଲୀମା ଦାସଙ୍କ ଦ୍ୱାରା ଅଭିନୟ ଦୁର୍ଗାତାଣ୍ଡବ ପରିବେଶିତ ହୋଇଥିଲା । ନୂଆଦିଲ୍ଲୀରୁ ଆସିଥିବା ନିମିଷା ଦେବୀ ଓ ଜୁନାଇ ମେହଟାଙ୍କ ଦ୍ୱାରା ଦ୍ୱୈତ ନୃତ୍ୟରେ ରାଗ ବଜ୍ରକାନ୍ତି ତାଳ ଏକତାଳୀରେ ପଲ୍ଲବୀ ପରେ ପରେ ଜାପାନର କାଜୁକ ପରିବେଶଣ କରିଥିଲେ ରାଗ ସାବେରୀ ଓ ତାଳ ଏକତାଳୀ, ଖେମଟା, ତ୍ରିପଟା ଉପରେ ନିବନ୍ଧ ପଲ୍ଲବୀ । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା କଟକର ସୋନାଲି ଦାସଙ୍କ ଦ୍ୱାରା ଅଭିନୟ ସେ ଶ୍ୟାମ ଛଟକ ପରେ ପରେ ପ୍ରିୟଙ୍କା ଦାଶ ଓ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କ ଦ୍ୱାରା ରାଗ ବଜ୍ରକାନ୍ତି ଓ ତାଳ ଏକତାଳୀ ଉପରେ ନିବନ୍ଧ ପଲ୍ଲବୀ ତା ପରେ କେନ୍ଦ୍ରାପଡ଼ାର ମଧୁସ୍ମିତା ସାହୁଙ୍କ ଦ୍ୱାରା ଅଭିନୟ ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଯାହା ରାଗ ଚୋଖୀ ବୃତ୍ତ ଓ ତାଳ ରୂପକ ଉପରେ ପର୍ଯ୍ୟବେସିତ ଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ସଂଘମିତ୍ରା ସିଂହମୁଦୁଲିଙ୍କ ଦ୍ୱାରା ଅଭିନୟ ଚାହିଁଛ ମାତ୍ର ଶିଖଣ୍ଡ ଲୋ ସଖୀ ମୁଁ ଶେଷରେ ସୁର ମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ବର୍ଷା ରସାନୁରାଗ ପରିବେଶିତ ହୋଇଥିଲା ।

ସଂଧ୍ୟା ଅଧିବେଶନର ଅତିଥି ଥିଲେ କେରଳ ସରକାରଙ୍କର ଅର୍ଥମନ୍ତ୍ରୀ ଡ଼. ଥୋମାସ ଆଇଜାକ, ଗୁରୁ ସୁଧାକର ସାହୁ, ଗୁରୁ ଦୁର୍ଗା ଚରଣ ରଣବୀର, ଭୁବନେଶ୍ୱର ମ୍ୟୁଜିକ ସର୍କଲ ସଂପାଦକ କ୍ଷୀରୋଦ ପଟ୍ଟନାୟକ, ମହାସଚିବ ଚିନ୍ତା ଓ ଚେତନା ସୁର ଦାସ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ । ସଂଧ୍ୟା କାର୍ଯ୍ୟକ୍ରମ ଆରମ୍ଭ

ହୋଇଥିଲା ନୂଆଦିଲ୍ଲୀର କବିତା ଦ୍ୱିବେଦୀଙ୍କ ଏକକ ନୃତ୍ୟ ଦ୍ୱାରା । ତାଙ୍କର ପ୍ରସ୍ତୁତିରେ ଥିଲା ଅଭିନୟ ମୋହନ ବଂଶୀ ବସ୍ତୁରୀ ତିଳକଂ ଲଲାଟ ପଟଳେ ପରେ ପରେ ଭୁବନେଶ୍ୱରର ଶ୍ରଦ୍ଧାଞ୍ଜଳୀ ରାଉଳ ପରିବେଶଣ କରିଥିଲେ ଅଭିନୟ ମୁଁହା ମୁଁହି କିଶୋର ଚନ୍ଦ୍ରମାଙ୍କର ମୋର ଆଜ ଯମୁନା କୂଳେ ଯାହା ରାଗ ବାଗେଶ୍ରୀ ଓ ତାଳ ଯତି ଉପରେ ନିବଦ୍ଧ ଥିଲା । ପରବର୍ତ୍ତୀ ପ୍ରସ୍ତୁତିଟି ଥିଲା ଭାରତୀ ମିଶ୍ରଙ୍କ ଅଭିନୟ ରାବଣକୃତ ଶିବ ତାଣ୍ଡବ ପରେ ପରେ ସୁରେନ୍ଦ୍ର ପ୍ରଧାନ ଓ ସଞ୍ଜୀବ କୁମାର ଜୋନ ଏବଂ ଭୂମିଶୁତା ସାହୁ ଓ ଅଭିଷ୍ଟା ଜିତାଞ୍ଜଳୀଙ୍କ ଦ୍ୱାରା ଓଡ଼ିଶୀ ଦ୍ୱୈତ ନୃତ୍ୟ ପରିବେଶିତ ହୋଇଥିଲା । ଏକକ ନୃତ୍ୟ ପରିବେଶଣ କରିଥିଲେ ଆମେରିକାର ଦିକ୍ଷା ରଥ ଏବଂ ଅନନ୍ୟା ତ୍ରୀଦନ୍ଦମ, ଭୁବନେଶ୍ୱରର ଶୁଭଲକ୍ଷ୍ମୀ ପାଢୀ ଓ ସିଦ୍ଧେଶ୍ୱର ବେହେରା ଏବଂ ସଂଧ୍ୟାର ଶେଷ ପ୍ରସ୍ତୁତିଟି ଥିଲା ଦଳଗତ ନୃତ୍ୟ ଯାହାକୁ ପରିବେଶଣ କରିଥିଲେ କଟକର ବିଶ୍ୱନାଥ ସଙ୍ଗୀତାଳୟର ଶିଳ୍ପୀମାନେ । ଶିଳ୍ପୀମାନଙ୍କର ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟିର ଏବଂ ମନମୁଗ୍ଧକର ଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ।

# ଅଭିନୟ ଓ ନୃତ୍ୟର ଚିତ୍ତାକର୍ଷକ ପ୍ରଦର୍ଶନରେ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଚତୁର୍ଥ ଦିବସ

**ଭୁବନେଶ୍ୱର ତା ୨୯.୧୨.୨୦୧୯** – ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ଚତୁର୍ଥ ଦିବସ । ପୂର୍ବାହ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ମାଲେଶିୟାରୁ ଆସିଥିବା ଗୀତା ଶଙ୍କରନ ଓ ସାଥୀଙ୍କ ଦ୍ୱାରା ଦଳଗତ ନୃତ୍ୟ ପରେ ପରେ ଏକକ ନୃତ୍ୟ ପରିବେଶଣ କରିଥିଲେ ବର୍ଦ୍ଧମାନର ପ୍ରିତୀ ସରକାର, ପାରଳାଖେମୁଣ୍ଡିର ବିଷ୍ଣୁପ୍ରିୟା ମଣ୍ଡଳ, ଯାଜପୁରର ଶୁଭଲକ୍ଷ୍ମୀ ସ୍ୱାଇଁ, ରାଉରକେଲାର ରିତିକା ରାଏ, କଲିକତାର ପାୟଲ ମଜୁମଦାର ମଣ୍ଡଳ, ଭୁବନେଶ୍ୱରର ସୂର୍ଯ୍ୟକାନ୍ତି ସାହୁ, ଉତ୍ତର ପ୍ରଦେଶର ପବୋନ ରାଜୱାର, ଭୁବନେଶ୍ୱରର ସୁଧାଶ୍ରୀ ପ୍ରିୟଦର୍ଶିନୀ, କଲିକତାର ଜିତ ଘୋଷ, ଦିଲ୍ଲୀର ସିଂଗ୍ଧା ସିଖା ପାଟ୍‌ଯୋଷୀ । ଦ୍ୱୈତ ନୃତ୍ୟ ପରିବେଶଣ କରିଥିଲେ ଐଶୋଯ୍ୟା ମହାନ୍ତି ଓ ପ୍ରତିକ୍ଷା କୁଅଁର । ଦଳଗତ ନୃତ୍ୟ ପରିବେଶଣ କରିଥିଲେ ଶୁଭଶ୍ରୀ ପଟ୍ଟନାୟକ ଓ ସାଥୀ (ନୃତ୍ୟଧାମ) ଏବଂ ଶେଷରେ କଲିକତାର ଶଂକଳ୍ପ ନୃତ୍ୟାୟନର ଶିଳ୍ପୀମାନଙ୍କର ନୃତ୍ୟ ଅତ୍ୟନ୍ତ ଚିତାକର୍ଷକ ଥିଲା ।

ଅପରାହ୍ନ ଅଧିବେଶନର ପ୍ରଥମ ପ୍ରସ୍ତୁତି ଥିଲା କଟକ କଳାବିକାଶ କେନ୍ଦ୍ରର ସୁଧାରାଣୀ ପ୍ରଧାନଙ୍କ ଦ୍ୱାରା ଅଭିନୟ କେଡ଼େ ଛନ୍ଦ ଜାଣେ ଲୋ ସହୀ ପରେ ପରେ ଆଶ୍ରିତା ସାମନ୍ତରାୟ ଓ ସାଇ ପ୍ରାର୍ଥନାଙ୍କ ଦ୍ୱାରା ରାଗ ରାଗେଶ୍ରୀ ଓ ତାଳ ଏକତାଳୀ ଉପରେ ନିବଦ୍ଧ ପଲ୍ଲବୀ ପରିବେଶିତ ହୋଇଥିଲା । ତା ପରେ ମାଲେଶିୟାରୁ ଆସିଥିବା ଅନନ୍ୟା କାନ୍ନନଙ୍କ ଦ୍ୱାରା ରାଗ ଆରଭୀ ଓ ତାଳ ତ୍ରିପଟା ଉପରେ ଅଭିନୟ ମାନ ଉଦ୍ଧାରଣ କର ହେ କାରଣ ଶରଣ ମୁଁ ତୁମ୍ଭ ପଦ ତଳେ ପରିବେଶିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ପୁରୀ ଡ୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ମତେ ସେହି ରପ ଦେଖାଅ ହରି ପରେ ପରେ କଲିକତାର ପୂଜା ସାହାଙ୍କ ଦ୍ୱାରା ଅଭିନୟ ଲୀଳା ନିଧି ହେ  ଲାଜେ ମୁଁ ଗଲିଟି ସଢି ପରିବେଶିତ ହୋଇଥିଲା । ପରବର୍ତ୍ତୀ କାର୍ଯ୍ୟକ୍ରମଟି ଥିଲା  ଆମେରିକାର ସବିତା ମିଶ୍ରଙ୍କ ଦ୍ୱାରା ରାଗ କୀରବାଣୀ ଓ ତାଳ ଯତିରେ ଅଭିନୟ ମୋହନେ ଦେଲି ଚାହିଁ ଗୋ ଆଗେ ପ୍ରିୟ ସହୀ ପରେ ପରେ ନୂଆଦିଲ୍ଲୀର ଆକାଂକ୍ଷା ପାଢୀ ଓ କେତକୀ ପରିଛାଙ୍କ ଦ୍ୱାରା ରାଗ ବିହାଗ ଓ ତାଳ ଏକତାଳୀ ଉପରେ ପଲ୍ଲବୀ ପରିବେଶିତ ହୋଇଥିଲା । ଏକକ ନୃତ୍ୟରେ ଶିବାଙ୍ଗୀ ଦାସଙ୍କ ଦ୍ୱାରା ଅଭିନୟ ଗୀତଗୋବିନ୍ଦ ଶ୍ରିତ କମଳା କୁଚ ମଣ୍ଡଳ ପରେ ପରେ ସୁଶ୍ରୀ ମହାନ୍ତିଙ୍କ ଦ୍ୱାରା ରାଗ ମଧମାଦୀ ଓ ତାଳ ତ୍ରିପଟା ଉପରେ ପଲ୍ଲବୀ ପରିବେଶିତ ହୋଇଥିଲା । ଅପରାହ୍ନର ଶେଷ ପରିବେଶଣ ଥିଲା ଇନ୍ଦ୍ର କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଦୀପଂ ଜ୍ୟୋତି ପରଂବ୍ରହ୍ମ ଦୀପଂ ଜ୍ୟୋତି ଜନାର୍ଦ୍ଦନ ଏବଂ ଶିବାଷ୍ଟକ ଯାହା ଦର୍ଶକଙ୍କୁ ଭରପୁର ଆନନ୍ଦ ପ୍ରଦାନ କରିଥିଲା ।

ଆଜି ସଂଧ୍ୟାର ଅତିଥି ଥିଲେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର; ଆର୍ଟ ଭିଜନର ସଚିବ ଗୁରୁ ଇଲିଆନା ସିତାରିଷ୍ଟି; ପୂର୍ବତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ; ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟଜନ୍ତୁ) ହରି ଶଙ୍କର ଉପାଧ୍ୟାୟ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ ।

ସଂଧ୍ୟା ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ଆମେରିକାର ବିଷ୍ଣୁ ତତ୍ତ୍ୱ ଦାସଙ୍କ ଦ୍ୱାରା ଅଭିନୟ ଛାଡ଼ି ଦେ ମୁଁ ଯିବି ଫୁଲ ତୋଳି ରେ ବନମାଳୀ ପରେ ପରେ କଲିକତାର ସୁମୟୀ ମୁଖାର୍ଜିଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି, ଭୁବନେଶ୍ୱରର ରୁଦ୍ର ପ୍ରସାଦ ସ୍ୱାଇଁଙ୍କ ଦ୍ୱାରା ଅଭିନୟ ଅଶ୍ୱସ୍ଥାମା – ମୃତ୍ୟୁ ମୃତ୍ୟୁ ମାଗେ ଅମରତ୍ୱ, ଦ୍ୱୈତ ନୃତ୍ୟରେ ଆଶୁତୋଷ ଓ ବିଶ୍ୱରୂପା ଦିକ୍ଷିତ ପରିବେଶଣ କରିଥିଲେ ନଦୀ ଓ ନାରୀ – କିଏ ଗୋ ସଖୀ ତୁମେ ଯାଅ ବହି ବହି । ଏକକ ନୃତ୍ୟରେ ଆମେରିକାରୁ ଆସିଥିବା ଶିଳ୍ପୀ ଶିମାନ୍ତିନି ମିତ୍ର ବେହୁରା ପରିବେଶଣ କରିଥିଲେ ଅଭିନୟ ମଧୁରାଷ୍ଟକ- ଅଧର ମଧୁରଂ ବଦନ ମଧୁରଂ, କାନାଡ଼ାର ଆନନ୍ଦ ଶକ୍ତି ପରିବେଶଣ କରିଥିଲେ ରାଗ ବସନ୍ତ ଉପରେ ପଲ୍ଲବୀ । ଦ୍ୱୈତ ନୃତ୍ୟରେ କୋଶିସ ଭାରତି ଓ ଦିବ୍ୟଦର୍ଶନୀ ସୁପକାର ପରିବେଶଣ କରିଥିଲେ ମାତୃଶକ୍ତି ଉପରେ ପର୍ଯ୍ୟବେସିତ ଯୋଗିନି ଯୋଗିନି ପରେ ପରେ ଏକକ ନୃତ୍ୟ ପରିବେଶଣ କରିଥିଲେ ବାଲେଶ୍ୱରର ଦିଲ୍ଲୀପ ମହାପାତ୍ର ଏବଂ କଲିକତାର ସ୍ମୃତି ସ୍ୱୟଂସିଗ୍ଧା । ସଂଧ୍ୟାର ଶେଷ ପରିବେଶଣ ଥିଲା ନୃତ୍ୟାଙ୍ଗନା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ।

# ଓଡ଼ିଶୀ ନୃତ୍ୟ ମହାକୁମ୍ଭର ଅନ୍ତିମ ସଂଧ୍ୟାରେ ଭରପୁର ଦର୍ଶକ

ଭୁବନେଶ୍ୱର ତା ୩୦.୧୨.୨୦୧୯ - ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ୫ ଦିନ ଧରି ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ଅନ୍ତିମ ଦିବସ । ପୂର୍ବାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ କାର୍ଯ୍ୟକ୍ରମରୁ । ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ନୃତ୍ୟ ପରିବେଶଣ କରିଥିଲେ ଭୁବନେଶ୍ୱରର ପ୍ରୀୟଦର୍ଶିନୀ ରାଉତ, ପୁରୀର ଯୁଧିଷ୍ଠିର ପ୍ରଧାନ, ଖୋର୍ଦ୍ଧାର ଅଭିପ୍ସା ଭଞ୍ଜ, ରଞ୍ଜନ ନାଇ ଶର୍ମା, ଭୁବନେଶ୍ୱରର ଶ୍ରୀତତ୍ତ୍ୱ ମିଶ୍ର, ଚାଇନାର ୱୋ ଫନ, ଝାଡ଼ଖଣ୍ଡର ତ୍ରିଶା ତନିୟା ସେନ, ଅଷ୍ଟ୍ରେଲିଆର ସାମ ଗୋରାୟା ଏବଂ ଭୁବନେଶ୍ୱରର ରତିରଞ୍ଜନ ଅମାନ୍ତ । ଦ୍ୱୈତ ନୃତ୍ୟ ପରିବେଶଣ କରିଥିଲେ ଫୁଲବାଣୀର ତେଜସ୍ମିତା ମିଶ୍ର ଓ ଆଲିଶା ଗଣ୍ଡା, କଲିକତାର କବିତା ମିଶ୍ର ଓ ରାଜୁ ମିଶ୍ର, ଭୁବନେଶ୍ୱରର ବିକ୍ରମ ଶାମଲ ଓ ଗିତାଞ୍ଜଳୀ ରାଏ ଏବଂ ଶେଷରେ ଦଳଗତ ନୃତ୍ୟ ପରିବେଶଣ କରିଥିଲେ କଲିକତାର ଶତାବ୍ଦୀ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନେ ।
ଅପରାହ୍ନ ଅଧିବେଶନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପଲ୍ଲବୀ ଦାସ ଓ ସାଥୀଙ୍କ ଦ୍ୱାରା ରାଗ କଲ୍ୟାଣୀ ଓ ତାଳ ଝମ୍ପା ଉପରେ ଅଭିନୟ ଗୀତଗୋବିନ୍ଦ ଦଶାବତାର ପରେ ପରେ ସ୍ମୃତିପୁଷ୍ପା ପଣ୍ଡାଙ୍କ ଦ୍ୱାରା ରାଗ ଭୈରବୀ ଓ ତାଳ ରୂପକ ଉପରେ ନିବଦ୍ଧ ଅଭିନୟ ମୋହନ ମୂରଲୀ ଛଇ ଲୋ ସଜନୀ, ତାଇୱାନରୁ ଆସିଥିବା ଶିଳ୍ପୀ ହେଇଦି ହସିନ ପରିବେଶଣ କରିଥିଲେ ରାଗ ମୋହନା ଓ ତାଳ ତ୍ରିପଟା ଉପରେ ପଲ୍ଲବୀ । ତାଙ୍କ ପରେ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ବମ୍ବେରୁ ଆସିଥିବା ମିତାଲୀ ଭୋରଦକର ଓ ସ୍ରେୟା ଶୁଭ୍ରା ସବରୱାଲଙ୍କ ଦ୍ୱାରା ଅଭିନୟ ଅର୍ଦ୍ଧନାରୀଶ୍ୱର ପରିବେଶିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ସାଉଥ ଆଫ୍ରୀକାରୁ ଆସିଥିବା ସୌମ୍ୟା ସେଫାଳିକା ଦାଶଙ୍କ ଦ୍ୱାରା ଅଭିନୟ ଆହାକି ସୁନ୍ଦର ସଖୀ ଯାହା ରାଗ ବୃନ୍ଦାବନ ସାରଙ୍ଗ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବେସିତ ଥିଲା । ପରେ ପରେ ଚାଇନାର ୟୁଇ ଲେନଙ୍କ ଦ୍ୱାରା ରାଗ ରାଗେଶ୍ରୀ ଓ ତାଳ ଏକତାଳୀ ଉପରେ ପଲ୍ଲବୀ ପରିବେଶିତ ହୋଇଥିଲା । ହିମାଂସୁ କୁମାର ରାୟଙ୍କ ଦ୍ୱାରା ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରୀ କୁଞ୍ଜେ ବିହରି ପରେ ପରେ ମେଘନା ମହାନ୍ତିଙ୍କ ଦ୍ୱାରା ଅଭିନୟ ଅଷ୍ଟଶମ୍ଭୁ ପରିବେଶିତ ହୋଇଥିଲା । ଦ୍ୱୈତ୍ୟ ନୃତ୍ୟରେ କଲିକତାର ସଙ୍ଘମିତ୍ରା ଜେନା ଓ ସଞ୍ଜୟ ସୋଙ୍କ ଦ୍ୱାରା ଅଭିନୟ କିଶୋଭା ଗୋ କୁଞ୍ଜେ ମଦନ ମୋହନ ଯାହା ରାଗ ଆନନ୍ଦ ଭୈରବୀ ଓ ତାଳ ଏକତାଳୀ, ଝମ୍ପା ଓ ଖେମଟା ଉପରେ ନିବଦ୍ଧ ଥିଲା । ଶେଷରେ ନୂଆଦିଲ୍ଲୀର ଦେବଧର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଗଣ ନାୟକ ଜୟ ଭବ ନନ୍ଦନ ପରିବେଶିତ ହୋଇଥିଲା ।
ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ମୀରା ଦାସଙ୍କ ଦ୍ୱାରା ଅଭିନୟ ଶ୍ରୀ ରାମ ପ୍ରେୟସୀ ଲୋକାଭୀ ରାମ ରଣ ରଙ୍ଗ ଧୀର ପରେ ପରେ ଆମେରିକାର ଧାରା ମହାପାତ୍ର ପରିବେଶଣ କରିଥିଲେ ଅଭିନୟ ବାଜୁଛି ସହୀ ବାଜାରେ । ଅରୁଣିମା ଆଚାର୍ଯ୍ୟ ପରିବେଶଣ କରିଥିଲେ ରାଗ ମେଘ ଓ ତାଳ ମାଳ ଉପରେ ଅଭିନୟ ବର୍ଷା ଅଭିସାର ପରେ ପରେ ମିନାକ୍ଷୀ ତ୍ରିପାଠୀ ଓ ସୋନାଲୀ ସାବତ ପରିବେଶଣ କରିଥିଲେ ରାଗ କିରବାଣୀ ଉପରେ ପଲ୍ଲବୀ । ପ୍ରଜ୍ଞା ପରିମିତା ଦାସଙ୍କ ଦ୍ୱାରା ଅଭିନୟ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ (ଭ) ପରିବେଶିତ ହୋଇଥିଲା ପରେ ପରେ ନୃତ୍ୟ ପରିବେଶଣ କରିଥିଲେ ବାଲେଶ୍ୱରର ତେଜସ୍ୱନୀ ପଲ୍ଲାଇ, ଭୁବନେଶ୍ୱରର ଶ୍ରେୟାସି ପତି ଓ ଆଞ୍ଚଳ ପଣ୍ଡା, ଦୁବାଇରୁ ଆସିଥିବା ମିତାଲୀ ପ୍ରିୟା ଗିରି, ଭୁବନେଶ୍ୱରର ନମିତା ରାୟ । ଶେଷରେ ନକ୍ଷେତ୍ର ଗୁରୁକୁଳର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ ବେଶ୍ ଉଚ୍ଚକୋଟୀର ଥିଲା ଯାହାକି ଦର୍ଶକମାନଙ୍କୁ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ୫ ଦିନ ଧରି ଚାଲିଥିବା ଏହି ଆନ୍ତର୍ଜାତିକ ନୃତ୍ୟୋତ୍ସବକୁ ପ୍ରତିଦିନ ଭରପୂର ଦର୍ଶକ ଶେଷ ପର୍ଯ୍ୟନ୍ତ ରହି ଉପଭୋଗ କରୁଥିଲେ ।

ସଂଧ୍ୟା ଅଧିବେଶନର ଅତିଥି ଥିଲେ ଡ଼. ସୂର୍ଯ୍ୟ ପଟ୍ଟନାୟକ, ଡ଼. ଅଂଜଳିକା ପଟ୍ଟନାୟକ, ଡ଼. ଇତି ସାମନ୍ତ, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ମୋହିନୀକାନ୍ତ ମିଶ୍ର, ଡ଼. ସ୍ନେହପ୍ରଭା ସାମନ୍ତ ରାୟ, ଡ଼. ଏସ. କେ. ଟାମୋଟିଆ ଏବଂ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ।